# ସମନ୍ୱିତଶିଶୁବିକାଶଯୋଜନାକାର୍ଯ୍ୟାଳୟ , ନିମାପଡା

ବିଜ୍ଞାପନସଂଖ୍ୟା ...[illegible]... ତାରିଖ ...[illegible]...

ଏତଦ୍ୱାରା ନିମାପଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଖାଲିଥିବା ୩ ଗୋଟି ଅଙ୍ଗନୱାଡି କେନ୍ଦ୍ରର ସାହାର୍ଯ୍ୟକାରିଣୀ ପଦବୀ ପୂରଣ ନିମନ୍ତେ ସମ୍ପୃକ୍ତ ଗ୍ରାମବାସୀଙ୍କୁ ଜଣାଇ ଦିଆଯାଉ ଅଛି ଯେ ନିମ୍ନ ଲିଖିତ କେନ୍ଦ୍ର ନିମନ୍ତେ ଅଙ୍ଗନୱାଡି ସାହାଯ୍ୟକାରିଣୀ ପଦବୀ ପୂରଣ ନିମନ୍ତେ ସମ୍ପୃକ୍ତ ଗ୍ରାମର ମହିଳା ପ୍ରାର୍ଥିନୀ ମାନଙ୍କ ଠାରୁ ଅନଲାଇନ ପୋର୍ଟାଲ ମାଧ୍ୟମରେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ଇଚ୍ଛୁକ ମହିଳା ପ୍ରାର୍ଥିନୀ ମାନେ ତା. ୨୬.୦୫.୨୦୨୬ ରିଖ ଠାରୁ ତା. ୦୯.୦୬.୨୦୨୬ ରିଖ ସୁଦ୍ଧା ଅନଲାଇନ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ।

ପ୍ରକାଶ ଥାଉକି ଏହି ବିଜ୍ଞାପନ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରିବ।

- ଇଚ୍ଛୁକ ପାର୍ଥିନୀମାନେ ୱେବସାଇଟ :http//engagement-awc.odisha.gov.in ରେ ପଞ୍ଜୀକୃତ କରିବେ ଏବଂ ପବ୍ଲିକ ଲଗିନ କରି (Using user Name & password) ନିର୍ଦ୍ଧାରିତ ତାରିଖ ତଥା ସମୟ ମଧ୍ୟରେ ଆବେଦନ କରି ତତ ସମ୍ପର୍କିତ ପ୍ରାପ୍ତି ସ୍ୱୀକାରକ୍ତି ପାଇ ପାରିବେ।

**<u>ସାହାର୍ଯ୍ୟକାରିଣୀପଦବୀ ନିମନ୍ତେ ପ୍ରାର୍ଥୀନୀଙ୍କର ନିମ୍ନ ଲିଖିତ ଯୋଗ୍ୟତା ଥିବା ଆବଶ୍ୟକ।</u>**

- ଆବେଦନକାରିଣୀ ଅଙ୍ଗନୱାଡି କେନ୍ଦ୍ରର ପରିସରଭୁକ୍ତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।
- ଆବେଦନକାରୀଙ୍କ ବୟସ ଚଳିତ ବର୍ଷ ତା ୦୧.୦୧.୨୦୨୬ କୁ ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । (ଅର୍ଥାତ ୧୮ ବର୍ଷରୁ କମ ଓ ୩୫ ବର୍ଷ ରୁ ଅଧିକ ହୋଇନଥିବ)
- ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ +୨ (ଉଚ୍ଚ ମାଧ୍ୟମିକ) ପାସ କରିଥିବା ଆବଶ୍ୟକ।ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥିନୀଙ୍କୁ ସରକାରଙ୍କ ନିୟମ ଅନୁଯାଇ ଗ୍ରେସ ମାର୍କ ଦିଆଯିବ।
- ପ୍ରାର୍ଥିନୀଙ୍କ ଓଡିଆ ମାତୃଭାଷାରେ ଅନ୍ୟୁନ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଜ୍ଞାନ ଥିବା ଆବଶ୍ୟକ ।
- ଅନାଥ, ବିଧବା, ଛାଡପତ୍ର ଓ ସ୍ୱାମୀ ପରିତ୍ୟକ୍ତାପ୍ରାର୍ଥୀନୀଙ୍କୁ ଅଗ୍ରାଧିକାରଦିଆଯାଇପାରେ ।
- ଆବେଦନ କାରିଣୀ ଅଙ୍ଗନୱାଡି ସାହାଯ୍ୟକାରିଣୀରୂପେ ନିଯୋଗ ହେବା ପରେ ସେ ଭବିଷ୍ୟତରେ କୌଣସି ସ୍ଥାୟୀ ନିଯୁକ୍ତି ଦାବି କରିପାରିବେ ନାହିଁ।

**ଆବେଦନ ପାଇଁ ଆବଶ୍ୟକୀୟ ପ୍ରମାଣପତ୍ର(ଅନଲାଇନ ପୋର୍ଟାଲରେ ଅପଲୋଡ କରିବା ବାଞ୍ଛନୀୟ ):-**

୧. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଓ ମାର୍କ ସିଟ (ଆଗ ଓ ପଛ)ର ଅବିକଳ ନକଲ।

୨. ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ( ତହସିଲଦାର ଙ୍କ ଠାରୁ ୧ ବର୍ଷ ମଧ୍ୟରେ ପ୍ରାପ୍ତ କରିଥିବା ଆବଶ୍ୟକ )।

୩. ଜାତିଗତ ପ୍ରମାଣପତ୍ର (କେବଳ ହରିଜନ ଓ ଆଦିବାସୀଙ୍କ ପାଇଁ )

୪. ପ୍ରାର୍ଥିନୀ ନିଜ ଦସ୍ତଖତ, ଭୋଟର ପରିଚୟ ପତ୍ର , ଆଧାର କାର୍ଡ , ବର୍ତ୍ତମାନ ର ପାସପୋର୍ଟ ଫୋଟୋଗ୍ରାଫଗୁଡିକୁ ଅନଲାଇନ ରେ ଅପଲୋଡ କରିବେ।

୫. ନାମ / ସାଙ୍ଗିଆ ପରିବର୍ତ୍ତନ ହୋଇଥିଲେ ତତ ସମ୍ବନ୍ଧିଅ ସତ୍ୟପାଠ ଦାଖଲ କରିବେ ।

Scanned with OKEN Scanner

୬. ଅଙ୍ଗନୱାଡି ସାହାଯ୍ୟକାରିଣୀ ଙ୍କ ଅବସର ବୟସ ସୀମା ୬୦ ବର୍ଷ।

ମାନ୍ୟ ଓଡିଶା ସରକାରଙ୍କ ଆଦେଶ ସଂଖ୍ୟା WCD-ICDS-G-MISC-005-2018 3657/WCDMS dt.02-02-2019 Guidelines ମୁତାବକ କାର୍ଯ୍ୟ ସନ୍ତୋଷଜନକ ଓ ଆଗ୍ରହ ପ୍ରକଟ କରୁଥିଲେ ଉଚ୍ଚସ୍ତ ଅଧିକାରୀଙ୍କ ଅନୁମୋଦନ କ୍ରମେ ତାଙ୍କୁ ୨ ବର୍ଷ ପାଇଁ ଉକ୍ତ ପଦବୀ ରେ ପୁନଃ ନିଯୁକ୍ତି ଦିଆଯିବ।

ବି.ଦ୍ର:- ସମସ୍ତ ଆନୁଷଙ୍ଗିକ ପ୍ରମାଣପତ୍ର ନକଲ (Attested Copy) online ଫର୍ମରେ upload କରିବେ। କୌଣସି ପରିସ୍ଥିତିରେ ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ଅସଂପୂର୍ଣ ତଥା ଆବଶ୍ୟକ ପ୍ରମାଣ ଅନଲାଇନ ହୋଇ ନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ।ପ୍ରାପ୍ତ ହୋଇଥିବା ସମସ୍ତ ଅନଲାଇନ ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ତା ୦୯.୦୫.୨୦୨୨ ଅଟେ। ତା ୧୦.୦୬.୨୦୨୨ ରିଖ ସକାଳ ୮.୦୦ ଘଟିକା ଠାରୁ ମଧ୍ୟାହ୍ନ ୧.୦୦ ଘଟିକା ମଧ୍ୟରେ ସମସ୍ତ ପ୍ରାର୍ଥୀନୀଙ୍କ ମୂଳ ପ୍ରମାଣପତ୍ର ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟରେ ଯାଞ୍ଚ କରାଯିବ। ଏଣୁ ନିଜର ମୂଳ ପ୍ରମାଣପତ୍ର ଗୁଡିକ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଭାଗ ନେବେ ନଚେତ ଦରଖାସ୍ତ ରଦ୍ଦ କରାଯିବ ଓ ସେହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

**ଗ୍ରାମୱାରୀ ଅଙ୍ଗନବାଡ଼ି ସାହାର୍ଯ୍ୟକାରିଣୀ ଶୂନ୍ୟତା ବିବରଣୀ**

| କ୍ରମିକ ସଂଖ୍ୟା | ଗ୍ରାମ ପଞ୍ଚାୟତର ନାମ | ଗ୍ରାମର ନାମ/ୱାର୍ଡ ନଂ | ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ନିର୍ଦ୍ଧାରିତ ପରିସରଭୁକ୍ତ ଅଞ୍ଚଳ |
|---|---|---|---|---|
| ୧ | ଶଗଡା | କନପୁର | କନପୁର | ଘର ନଂ ୧ କ୍ଷେତ୍ରମଣି ପ୍ରଧାନ ଙ୍କ ଠାରୁ ଘର ନଂ ୧୩୨ ମଞ୍ଜୁଲତା ପ୍ରଧାନ ଙ୍କ ଘର ପର୍ଯ୍ୟନ୍ତ। |
| ୨ | ବାମନାଳ | ଓଲମରା | ଓଲମରା | ଘର ନଂ ୧ ପବିତ୍ର ମହାନ୍ତି ଙ୍କ ଠାରୁ ଘର ନଂ ୧୭୩ ଶ୍ରୀ କୈଳାଶ ଚନ୍ଦ୍ର ପରିଡା ଙ୍କ ଘର ପର୍ଯ୍ୟନ୍ତ। |
| ୩. | ଛଣିଢଙ୍ଗ | ବିଲସାହି | ବିରସାହି | ଘର ନଂ ୧ ପ୍ରତାପ ଦାସ ଙ୍କ ଠାରୁ ଘର ନଂ ୧୯୨ ଗୋଲେଖ ମଲ୍ଲିକ ଙ୍କ ଘର ପର୍ଯ୍ୟନ୍ତ। |

ବି.ଦ୍ର:- ସାହାଯ୍ୟକାରିଣୀପଦବୀ ସରକାରୀଚାକିରୀ ନୁହେଁ, ତେଣୁ ସେ ସ୍ୱେଚ୍ଛାସେବିକା ଭାବେ ନିଜ ଅଞ୍ଚଳ ରେ ସାମାଜିକ ସେବା ମନୋଭାବ ନେଇ କାର୍ଯ୍ୟଭାର ତୁଲାଇବେ।

ଶିଶୁ ବିକାଶ ଯୋଜନା ଅଧିକାରୀ, ନିମାପଡା
ନିମାପଡା - ପୁରୀ

ପତ୍ରସଂଖ୍ୟା ...୪୬୨... ତାରିଖ ୨୪.୦୫.୨୨

ଏହାର ନକଲ ଜିଲ୍ଲାପାଳ, ପୁରୀ /ଉପଜିଲ୍ଲାପାଳ,ପୁରୀ/ଜିଲ୍ଲାସମାଜମଙ୍ଗଳ ଅଧିକାରିଣୀ,ପୁରୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଶିଶୁ ବିକାଶ ଯୋଜନା ଅଧିକାରୀ, ନିମାପଡା
ନିମାପଡା ପୁରୀ

Scanned with OKEN Scanner

ପରିପତ୍ରସଂଖ୍ୟା ...୫୪୨.... ତାରିଖ. ୨୪.୦୪.୨୨

ଏହାର ଏକକିତା ନକଲ ଅଧକ୍ଷ, ପଞ୍ଚାୟତସମିତି କାର୍ଯ୍ୟାଳୟ, ନିମାପଡା ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ଯୋଜନା ଅଧିକାରୀ, ନିମାପଡା
ନିମାପଡ଼ · ପୁରୀ

ପରିପତ୍ରସଂଖ୍ୟା ...୫୪୮.... ତାରିଖ. ୨୪.୦୪.୨୨

ଏହାର ନକଲ ଗୋଷ୍ଠୀଉନ୍ନୟନ ଅଧିକାରୀ, ନିମାପଡା / ସ୍ୱାସ୍ଥ୍ୟ ଅଧିକାରୀ,ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର , ଚାରିଛକ / ମଣ୍ଡଳ ଶିକ୍ଷା ଅଧିକାରୀ,ନିମାପଡ଼ା/ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ,ନିମାପଡା ଙ୍କ ଅବଗତି ଓ ବହୁଳପ୍ରଚାର ନିମନ୍ତେ ପ୍ରେରଣ କରାଗଲା ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅନୁରୋଧ କରାଗଲା କି ସମ୍ପୃକ୍ତ କେନ୍ଦ୍ର ଅଧୀନରେ ଥିବା ମହିଳା/ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଚୟନ କମିଟି ବୈଠକରେରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ହେବେ ।

ଶିଶୁ ବିକାଶ ଯୋଜନା ଅଧିକାରୀ, ନିମାପଡା
ନିମାପଡ଼ · ପୁରୀ

ପରିପତ୍ର ସଂଖ୍ୟା ...୫୪୫.... ତାରିଖ ୨୪.୦୪.୨୨

ଏହାର ନକଲ ଗ୍ରାମ ପଞ୍ଚାୟତ , ସରପଞ୍ଚ/ସମିତି ସଭ୍ୟ,ସଭ୍ୟା /ସମ୍ପୃକ୍ତ ୱାର୍ଡ ର ୱାର୍ଡ ମେମ୍ବର ଙ୍କବିହିତ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଗ୍ରାମ ପଞ୍ଚାୟତ ବିଜ୍ଞପ୍ତି ଫଳକରେ ଉକ୍ତ ବିଜ୍ଞାପନ ଲଟକା ଜାରି କରିବା ନିମନ୍ତେ ସରପଞ୍ଚ ଙ୍କୁ ଅନୁରୋଧ କରାଗଲା ।

ଶିଶୁ ବିକାଶ ଯୋଜନା ଅଧିକାରୀ, ନିମାପଡା
ନିମାପଡ଼ · ପୁରୀ

ପରିପତ୍ରସଂଖ୍ୟା ...୫୨୧.... ତାରିଖ ୨୪.୦୪.୨୨

ଏହାର ଏକକିତା ନକଲ ନିମାପଡା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ବିଜ୍ଞପ୍ତି ଫଳକ ଓ ଏହାର ଏକକିତା ନକଲ ସହ ଆବେଦନ ଫର୍ମ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଙ୍କୁ ସେହି ଅଞ୍ଚଳରେ ପ୍ରଚାର ପାଇଁ ପ୍ରେରଣ କରାଗଲା । ସେ ଅଞ୍ଚଳର ତିନୋଟି ମୁଖ୍ୟ ଜନଗହଳି ସ୍ଥାନରେ ଲଟକାଇବାଙ୍କୁ ନିର୍ଦ୍ଦେଶ ଦିଆଗଲା ।

ଏହା ସହ ଅଙ୍ଗନୱାଡି କର୍ମୀ ଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳ ରେ ସର୍ବସାଧାରଣଙ୍କୁ ଏହି ନୋଟିସ ସମ୍ପର୍କରେ ଅବଗତ କରାଇ ସମ୍ପୃକ୍ତ ଅଞ୍ଚଳର ସମସ୍ତଙ୍କ ଦସ୍ତଖତ ସହ ଏହାର ଏକକିତା ନକଲ ଅତ୍ର କାର୍ଯ୍ୟାଳୟ କୁ ଫେରସ୍ତ କରାଇବେ ।

ଶିଶୁ ବିକାଶ ଯୋଜନା ଅଧିକାରୀ, ନିମାପଡା
ନିମାପଡ଼ · ପୁରୀ

ପରିପତ୍ରସଂଖ୍ୟା ...୫୨୯.... ତାରିଖ. ୨୪.୦୪.୨୨

ଏହାର ଏକକିତା ନକଲ ନିମାପଡା ଅଞ୍ଚଳର ପରିଦର୍ଶିକା/ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରେରଣ କରାଯାଇ ଜଣାଇ ଦିଆଗଲା କି ପ୍ରାର୍ଥୀନୀଙ୍କ ମୂଳ ପ୍ରମାଣପତ୍ର ଯାଞ୍ଚ ସମୟରେ ଉପସ୍ଥିତ ରହି ସାହାଯ୍ୟକାରିଣୀ ଚୟନରେ ସହଯୋଗ କରିବା ହେବେ ।

ଶିଶୁ ବିକାଶ ଯୋଜନା ଅଧିକାରୀ, ନିମାପଡା
ନିମାପଡ଼ · ପୁରୀ

Scanned with OKEN Scanner